# NATIONAL NEWS BULLETIN (ODIA)

**17 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ନଲ୍‌ବାଡ଼ି ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି ।

- କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଲୋକସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ସପକ୍ଷରେ ପ୍ରବଳ ଜନସମର୍ଥନ ରହିଛି ।

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହେବ ।

- ରାମନବମୀ ଉପଲକ୍ଷେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଏବଂ

- ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ କାର୍ଯ୍ୟକ୍ରମ ପାଇଁ ତାହା ଉପରେ ନୂଆ କଟକଣାମାନ ଲାଗୁ କରିବେ ।

# ପିଏମ୍-ନଲବାଡ଼ି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ନଲ୍‌ବାଡ଼ି ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ବୋହାଗ ବିହୁ ଉପଲକ୍ଷେ ସେ ଲୋକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଆଜି ରାମ ନବମୀ ପାଳିତ ହେଉଛି ଓ ଦୀର୍ଘ ୫ଶହ ବର୍ଷର ଅପେକ୍ଷା ପରେ ଭଗବାନ ରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଛି । ଅନେକ ପିଢ଼ିର ଦଶନ୍ଧି ଦଶନ୍ଧିର ତ୍ୟାଗ ଓ ଭକ୍ତିର ପରିପୂର୍ଣ୍ଣତା ସ୍ୱରୂପ ଆଜି ଭବ୍ୟ ରାମ ମନ୍ଦିର ନିର୍ମିତ ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ବୋହାଗ ବିହୁ ଅବସରରେ ବିଜେପି ଏହାର ସଂକଳ୍ପପତ୍ର ଜାରି କରିଛି । ସବ୍ କା ସାଥ୍ ସବ୍ କା ବିକାଶ ର ବାର୍ତ୍ତାକୁ ଉଲ୍ଲେଖ କରି ସେ କହିଛନ୍ତି NDA ସରକାରଙ୍କ ଯୋଜନାଗୁଡ଼ିକ ପକ୍ଷପାତରୁ ମୁକ୍ତ ଥିବା ବେଳେ ଏଥିରୁ ସବୁବର୍ଗ ଉପକୃତ ହୋଇଛନ୍ତି । ସେ କହିଛନ୍ତି NDA ସରକାରରେ ୩ କୋଟି ଲୋକଙ୍କୁ ଆଗାମୀ ୫ ବର୍ଷ ମଧ୍ୟରେ ନୂଆ ବାସଗୃହ ଯୋଗାଇଦେବାକୁ ସଂକଳ୍ପ ନିଆଯାଇଛି । ଲୋକମାନଙ୍କୁ ମାଗଣା ରେସନ ସମେତ ସମସ୍ତ ସୁବିଧା ପହଞ୍ଚାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

# କଂଗ୍ରେସ-ଏସ୍‌ପି

କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଲୋକସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ସପକ୍ଷରେ ପ୍ରବଳ ଜନସମର୍ଥନ ରହିଛି ଓ ବିଜେପି ୧୫୦ ଆସନ ମଧ୍ୟରେ ସୀମିତ ରହିବ । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସହ ଉତ୍ତରପ୍ରଦେଶର ଗାଜିଆବାଦ ଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଗାନ୍ଧୀ କହିଛନ୍ତି ୨୦୨୪ ନିର୍ବାଚନ ଦୁଇଟି ନୀତି ମଧ୍ୟରେ ସଂଗ୍ରାମ । ବିଜେପି କେବେ ଲୋକମାନଙ୍କର ସମସ୍ୟା ଉପରେ ଚିନ୍ତା କରୁନାହିଁ ବୋଲି ସେ ଦୋଷାରୋପ କରିଛନ୍ତି ।

ନିର୍ବାଚନ ବଣ୍ଡ୍ ବିଷୟରେ ସେ କହିଛନ୍ତି ଏହା ହେଉଛି ସର୍ବବୃହତ ବଳପୂର୍ବକ ଅର୍ଥ ଆଦାୟ ଯୋଜନା । ସେ କହିଛନ୍ତି ନିର୍ବାଚନ ବଣ୍ଡ ରାଜନୈତିକ ଦଳ ଗୁଡ଼ିକୁ ପାଣ୍ଠି ପ୍ରଦାନରେ ସ୍ୱଚ୍ଛତା ଆଣିବା କଥା ପ୍ରଧାନମନ୍ତ୍ରୀ ଦାବି କରୁଥିବା ବେଳେ ସୁପ୍ରିମକୋର୍ଟ ଏହାକୁ ରଦ୍ଦ କରିଛନ୍ତି ।

ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କହିଛନ୍ତି ଉତ୍ତରପ୍ରଦେଶର ଗାଜିଆବାଦରୁ ଗାଜିପୁର ପର୍ଯ୍ୟନ୍ତ ସବୁ ସ୍ଥାନରେ ପରିବର୍ତ୍ତନର ହାୱା ବହୁଛି ଓ ଲୋକସଭା ନିର୍ବାଚନ ପରେ ବିଜେପି ବିଦାୟ ନେବ । ସେ କହିଛନ୍ତି କେନ୍ଦ୍ର ସରକାର ଓ ବିଜେପି ଶାସିତ ରାଜ୍ୟ ସରକାରମାନେ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକର ପୂରଣରେ ବିଫଳ ହୋଇଛନ୍ତି ।

ଉତ୍ତରପ୍ରଦେଶରେ କଂଗ୍ରେସ ଓ ସମାଜବାଦୀ ପାର୍ଟି ଏକାଠି ମିଶି ନିର୍ବାଚନ ଲଢୁଛନ୍ତି ।

## ଏଲ୍ଏସ୍ ଫାଷ୍ଟଫେଜ୍ କ୍ୟାମ୍ପେନିଂ

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହେବ । ଆଜି ସନ୍ଧ୍ୟା ୫ଟା ବେଳେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଯିବ । ରାଜନୈତିକ ଦଳଗୁଡ଼ିକର ତୁଙ୍ଗ ନେତାମାନେ ଶେଷ ମୁହୂର୍ତ୍ତରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନରେ ମତଦାନ ହେବ । ସେଗୁଡ଼ିକ ମଧ୍ୟରେ ତାମିଲନାଡୁର ୩୯ଟି ଆସନ, ରାଜସ୍ଥାନର ୧୨ଟି ଆସନ, ଉତ୍ତରପ୍ରଦେଶର ୮ଟି ଆସନ, ମଧ୍ୟପ୍ରଦେଶର ୬ଟି ଆସନ, ଉତ୍ତରାଖଣ୍ଡ, ଆସାମ ଓ ମହାରାଷ୍ଟ୍ରର ୫ଟି ଲେଖାଏଁ ଆସନ, ଅରୁଣାଚଳ ପ୍ରଦେଶ, ମଣିପୁର ଓ ମେଘାଳୟର ୨ଟି ଲେଖାଏଁ ଆସନ ଏବଂ ଛତିଶଗଡ଼, ମିଜୋରାମ, ନାଗାଲ୍ୟାଣ୍ଡ, ସିକିମ୍, ତ୍ରିପୁରା, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଜାମ୍ମୁ କାଶ୍ମୀର, ଲାକ୍ଷାଦ୍ୱୀପ ଓ ପୁଡୁଚେରୀର ଗୋଟିଏ ଲେଖାଏଁ ଆସନ ରହିଛି ।

# ଛତିଶଗଡ଼ ଇଲେକ୍ସନ

ଛତିଶଗଡ଼ର ନକ୍ସଲ ଉପଦ୍ରୁତ ବସ୍ତର ଲୋକସଭା ନିର୍ବାଚନ ମଣ୍ଡଳୀରେ ମତଦାନ ପାଇଁ ଭୋଟ୍‌ଗ୍ରହଣକାରୀ ଦଳଗୁଡ଼ିକ ସେଠାକୁ ଯାତ୍ରା ଆରମ୍ଭ କରିଛନ୍ତି । ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ସେଠାରେ ମତଦାନ ହେବ । ହେଲିକପ୍ଟର ମାଧ୍ୟମରେ ନକ୍ସଲ ଉପଦ୍ରୁତ ଅଞ୍ଚଳ ଗୁଡ଼ିକୁ ଭୋଟ୍ ଗ୍ରହଣକାରୀ ଦଳଗୁଡ଼ିକ ଯାଉଛନ୍ତି । ଭୋଟ୍ ଗ୍ରହଣର ୩ ଦିନ ଆଗରୁ ସେମାନଙ୍କୁ ସେଠାକୁ ପଠାଯାଉଛି । ଛତିଶଗଡ଼ର ନକ୍ସଲ ଉପଦ୍ରୁତ ବିଜାପୁର, ସୁକ୍‌ମା, ଦାନ୍ତେଓ୍ୱାଡ଼ା, କୋଣ୍ଡାଗାଓଁ ଓ ନାରାୟଣପୁର ଜିଲ୍ଲାରେ ୧୫୦ରୁ ଅଧିକ ଭୋଟ୍ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି । ଗତକାଲି ୫୬ଟି ଭୋଟ୍ ଗ୍ରହଣକାରୀ ଦଳକୁ ହେଲିକପ୍ଟର ଯୋଗେ ପଠାଯାଇଥିଲା । ସେହିସବୁ ଅଞ୍ଚଳରେ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅଧିକ ସମ୍ବେଦନଶୀଳ ଅଞ୍ଚଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ଏଥିପାଇଁ ଅତିରିକ୍ତ ୩୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଯବାନ ମୁତୟନ ହେଉଛନ୍ତି ।

# ପ୍ରେଜ୍, ଭିପି,ପିଏମ୍-ରାମନବମୀ

ରାମନବମୀ ଉପଲକ୍ଷେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର

ବାର୍ତ୍ତାରେ କହିଛନ୍ତି ରାମ ନବମୀ ସତ୍ୟ ଓ ଧର୍ମର ପଥ ଅନୁସରଣ କରିବାକୁ ଲୋକମାନଙ୍କୁ ପ୍ରେରଣା ଯୋଗାଇଥାଏ । ସେ କହିଛନ୍ତି ଭଗବାନ ରାମଙ୍କ ଦ୍ୱାରା ପ୍ରେମ, ସାହସ ଓ ଉଦାରତାର ଆଦର୍ଶ ଗୁଡ଼ିକ ସର୍ବଦା ମାନବ ଜାତିକୁ ଅନୁପ୍ରାଣିତ କରିଆସିଛି । ଏକ ସମୃଦ୍ଧ ତଥା ଗୌରବମୟ ରାଷ୍ଟ୍ର ଗଠନ ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଲୋକମାନଙ୍କୁ ନିବେଦନ କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି ଭଗବାନ ରାମଙ୍କର ଅପାର କରୁଣା ଲୋକମାନଙ୍କ ମଧ୍ୟରେ ଆନନ୍ଦ, ଉତ୍ସାହ, ଶାନ୍ତି ଓ ସମୃଦ୍ଧି ଆଣିଦେବ । ସେ କହିଛନ୍ତି ଭଗବାନ ରାମଙ୍କର ନୀତି ଯୁଗଯୁଗ ଧରି ଲୋକମାନଙ୍କୁ ନୀତିନିର୍ଦ୍ଦେଶ ଦେଇଆସିଛି । ଭଗବାନ ରାମଙ୍କ ଦ୍ୱାରା ପ୍ରଦର୍ଶିତ ପଥକୁ ଅନୁସରଣ କରିବାକୁ ସେ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦୀର୍ଘ ୫ଶତାବ୍ଦୀର ଅପେକ୍ଷା ପରେ ଅଯୋଧ୍ୟା ଠାରେ ରାମ ନବମୀ ପାଳନ କରିବା ଏକ ଆନନ୍ଦର ବିଷୟ । ବିକଶିତ ଭାରତ ଗଠନ ପାଇଁ ଭଗବାନ ରାମଙ୍କର ଆଦର୍ଶ ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି  ସେ ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି । ଏକ ଆତ୍ମନିର୍ଭରଶୀଳ ଭାରତର ଗଠନରେ ଭଗବାନ ରାମଙ୍କର କରୁଣା ଲୋକମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ ।

# ପିଏମ୍-ନଲବାଡ଼ି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ନଲ୍‌ବାଡ଼ି ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ବୋହାଗ ବିହୁ ଉପଲକ୍ଷେ ସେ ଲୋକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଆଜି ରାମ ନବମୀ ପାଳିତ ହେଉଛି ଓ ଦୀର୍ଘ ୫ଶହ ବର୍ଷର ଅପେକ୍ଷା ପରେ ଭଗବାନ ରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଛି । ଅନେକ ପିଢ଼ିର ଦଶନ୍ଧି ଦଶନ୍ଧିର ତ୍ୟାଗ ଓ ଭକ୍ତିର ପରିପୂର୍ଣ୍ଣତା ସ୍ୱରୂପ ଆଜି ଭବ୍ୟ ରାମ ମନ୍ଦିର ନିର୍ମିତ ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ବୋହାଗ ବିହୁ ଅବସରରେ ବିଜେପି ଏହାର ସଂକଳ୍ପପତ୍ର ଜାରି କରିଛି । ସବ୍ କା ସାଥ୍ ସବ୍ କା ବିକାଶ ର ବାର୍ତ୍ତାକୁ ଉଲ୍ଲେଖ କରି ସେ କହିଛନ୍ତି NDA ସରକାରଙ୍କ ଯୋଜନାଗୁଡ଼ିକ ପକ୍ଷପାତରୁ ମୁକ୍ତ ଥିବା ବେଳେ ଏଥିରୁ ସବୁବର୍ଗ ଉପକୃତ ହୋଇଛନ୍ତି । ସେ କହିଛନ୍ତି NDA ସରକାରରେ ୩ କୋଟି ଲୋକଙ୍କୁ ଆଗାମୀ ୫ ବର୍ଷ ମଧ୍ୟରେ ନୂଆ ବାସଗୃହ ଯୋଗାଇଦେବାକୁ ସଂକଳ୍ପ ନିଆଯାଇଛି । ଲୋକମାନଙ୍କୁ ମାଗଣା ରେସନ ସମେତ ସମସ୍ତ ସୁବିଧା ପହଞ୍ଚାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

## କେ.ଚନ୍ଦ୍ରଶେଖର ରାଓ-ଇସିଏମ୍

ଭାରତ ରାଷ୍ଟ୍ର ସମିତି ମୁଖ୍ୟ କେ.ଚନ୍ଦ୍ରଶେଖର ରାଓ ନିର୍ବାଚନ ଆଚରଣ ବିଧି ଲଂଘନ କରିଥିବାରୁ ନିର୍ବାଚନ କମିଶନ ତାଙ୍କୁ ନୋଟିସ୍ ଜାରି କରିଛି । ଗତ ୫ ତାରିଖରେ ତେଲଙ୍ଗାନାର ସିରିସିଲା ଠାରେ ସେ କଂଗ୍ରେସ ପାର୍ଟି ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାର କଂଗ୍ରେସ ପାର୍ଟି ଅଭିଯୋଗ କରିଥିଲା । ଆସନ୍ତାକାଲି ଶ୍ରୀ ରାଓ ତାଙ୍କର ମନ୍ତବ୍ୟ ବିଷୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ବାଚନ କମିଶନ ତାଙ୍କୁ କହିଛି । ଏହି ଘଟଣା ଉପରେ ସବିସ୍ତୃତ ତଥ୍ୟ ଦେବାକୁ ନିର୍ବାଚନ କମିଶନ ତେଲଙ୍ଗାନା ମୁଖ୍ୟ ନିର୍ବାଚନ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛି ।

## ହରିଆଣା ଲୋକସଭା ଇଲେକ୍ସନ

ହରିଆଣା ଲୋକସଭା ନିର୍ବାଚନରେ ଜନନାୟକ ଜନତା ପାର୍ଟି ଏହାର ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ସେଠାରେ ମେ ମାସ ୨୫ ତାରିଖରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହେବ । ପାର୍ଟି ନୈନା ଚୌଟାଲାଙ୍କୁ ଚର୍‌ଖୀ ଦାଦ୍ରୀରେ ପ୍ରାର୍ଥୀ କରାଇଥିବା ବେଳେ ଅଜୟ ସିଂ ଚୌଟାଲାଙ୍କୁ ହିସାର୍ ରେ ପ୍ରାର୍ଥୀ କରିଛି । ନୈନା ଚୌଟାଲାଙ୍କ ବିପକ୍ଷରେ ବିଜେପିରୁ ରଣଜିତ ସିଂ ଚୌଟାଲା ପ୍ରତିଦ୍ୱନ୍ଦିତା କରୁଛନ୍ତି । ରମେଶ ଖଟକ

ଶୀର୍ଷାରୁ ପ୍ରାର୍ଥୀ ଥିବା ବେଳେ ବାହାଦୂର ସିଂ ଭିଓ୍ୱାନି-ମହେନ୍ଦ୍ରଗଡ଼ରୁ ପ୍ରାର୍ଥୀ ଅଛନ୍ତି । ବିଶିଷ୍ଟ ଗାୟକ ରାହୁଲ ଯାଦବ ଫଜିଲପୁରିଆ ଗୁରୁଗ୍ରାମରୁ ପ୍ରାର୍ଥୀ ରହିଛନ୍ତି ଓ ନଳିନୀ ହୁଡ୍ଡା ଫରିଦାବାଦରୁ ପ୍ରାର୍ଥୀ ଅଛନ୍ତି ।

## ପିଏମ୍ ଚନ୍ଦ୍ରଶେଖର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ପୋଷ୍ଟରେ ଶ୍ରୀମୋଦୀ କହିଛନ୍ତି ଚନ୍ଦ୍ରଶେଖର ଜଣେ ଆଦର୍ଶ ନେତା ଥିଲେ । ସେ ମୂଳସ୍ତରରୁ ରାଜନୀତି କରି ଦେଶର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ । ଗରିବ ଓ ଅବହେଳିତ ଲୋକମାନଙ୍କ କଲ୍ୟାଣାର୍ଥେ ତାଙ୍କର କାର୍ଯ୍ୟ ପାଇଁ ସେ ସ୍ମରଣୀୟ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ୟୁଏସ୍-ଇରାନ ସାଂକ୍ସନ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ କାର୍ଯ୍ୟକ୍ରମ ପାଇଁ ତାହା ଉପରେ ନୂଆ କଟକଣାମାନ ଲାଗୁ କରିବାକୁ ଯାଉଥିବାର ହ୍ୱାଇଟ୍ ହାଉସ୍ କହିଛି । ଗତ ସପ୍ତାହରେ ଇରାନ’ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ଏହି ପଦକ୍ଷେପ ନିଆଯାଉଛି ।

ଆମେରିକା ଜାତୀୟ ନିରାପତ୍ତା ଉପଦେଷ୍ଟାଙ୍କ କହିବା ଅନୁସାରେ ରାଷ୍ଟ୍ରପତି ବାଇଡେନ୍ G-7 ସମେତ ମିତ୍ର ରାଷ୍ଟ୍ର, ଅଂଶୀଦାର ଦେଶ ଓ କଂଗ୍ରେସ ନେତାମାନଙ୍କ ସହ ଏ ବିଷୟରେ ବାର୍ତ୍ତାଳାପ କରୁଛନ୍ତି । ଆଗାମୀ ଦିନ ଗୁଡ଼ିକରେ ଆମେରିକା' ଇରାନ୍ ଉପରେ ନୂଆ କଟକଣାମାନ ଲାଗୁ କରିବ ।

## ସୁ ଚି ହାଉସ୍ ଆରେଷ୍ଟ

ମ୍ୟାଁମାରର ସାମରିକ ସରକାର କହିଛନ୍ତି ଜେଲ୍‌ରେ ଥିବା ମ୍ୟାଁମାର ନେତ୍ରୀ ଅଙ୍ଗ୍ ସାଙ୍ଗ୍ ସୁ ଚି ଙ୍କୁ ଜେଲ୍‌ରୁ ବାହାର କରି ଗୃହବନ୍ଦୀ କରି ରଖାଯାଇଛି । ମ୍ୟାଁମାରରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଏଭଳି କରାଯାଇଛି । ସୁ ଚି ଙ୍କ ସମେତ ପୂର୍ବତନ ରାଷ୍ଟ୍ରପତି ୱିନ୍ ମିଣ୍ଟ୍ ଓ ଅନ୍ୟ ବୟୋଜ୍ୟେଷ୍ଠ ରାଜନୈତିକ ବନ୍ଦୀମାନଙ୍କୁ ଜେଲ୍‌ରୁ ବାହାର କରି ଗୃହବନ୍ଦୀ କରି ରଖାଯାଇଛି । ମ୍ୟାଁମାରର ଜଣେ ସାମରିକ ମୁଖପାତ୍ର ବୈଦେଶିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ୭୮ ବର୍ଷ ବୟସ୍କା ସୁ ଚି ଓ ୭୨ ବର୍ଷ ବୟସ୍କ ୱିନ୍ ମିଣ୍ଟ୍ ଙ୍କୁ ଜେଲ୍‌ରୁ ବାହାର କରି ଗତକାଲି ଗୃହବନ୍ଦୀ କରି ରଖାଯାଇଛି । ସୁ ଚି ୨୭ ବର୍ଷର ଜେଲ୍‌ଦଣ୍ଡ ଭୋଗୁଥିବା ବେଳେ ୱିନ୍ ମିଣ୍ଟ୍ ୮ ବର୍ଷର ଜେଲ୍‌ଦଣ୍ଡ ଭୋଗୁଛନ୍ତି ।

# ଆଇପିଏଲ୍

IPL କ୍ରିକେଟ୍‌ରେ ଆଜି ଗୁଜରାତ ଟାଇଟାନ୍ସ’ ଦିଲ୍ଲୀ କ୍ୟାପିଟାଲ୍‌ସକୁ ଭେଟିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ । ଗତକାଲି ରାଜସ୍ଥାନ ରୟାଲ୍‌ସ’ କୋଲକାତା ନାଇଟ ରାଇଡର୍ସକୁ ୨ ୱିକେଟ୍‌ରେ ପରାସ୍ତ କରିଥିଲା ।